# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**29 January - 2025**

# ଉତ୍କର୍ଷ ଓଡିଶା-ମୁଖ୍ୟମନ୍ତ୍ରୀ

ଓଡିଶାର ପ୍ରତି ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ଭୁବନେଶ୍ୱର ଜନତା ମଇଦାନରେ ଆୟୋଜିତ 'ଉତ୍କର୍ଷ ଓଡିଶା-ମେକ୍ ଇନ୍ ଓଡିଶା ସମ୍ମିଳନୀ-୨୦୨୫ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ରାଜ୍ୟରେ ପୁଞ୍ଜିନିବେଶ ପାଇଁ ଆଗ୍ରହୀ ଥିବା ବିଭିନ୍ନ ସଂସ୍ଥାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ଆଲୋଚନା କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡିଶାରେ ପୁଞ୍ଜିନିବେଶ ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଛି । ଏଥିଲାଗି ରାଜ୍ୟର ଭିତ୍ତିଭୂମି ବିକାଶ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି । ଉତ୍କର୍ଷ ଓଡିଶା ସମ୍ମିଳନୀରେ ଆଜି ଉଦ୍‌ଯାପନୀ ସମାରୋହରେ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ କୃଷି, ସ୍ୱାସ୍ଥ୍ୟ, ପ୍ରଯୁକ୍ତିବିଦ୍ୟା, ଉଦ୍ୟୋଗର  ବିକାଶ ଆଦି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ ଆଲୋଚନା ହେବ ।

# ଉତ୍କର୍ଷ ଓଡିଶା

ଓଡିଶା ଖୁବ୍ ଶୀଘ୍ର ଏକ ଆଇ.ଟି କେନ୍ଦ୍ର ସ୍ଥଳରେ ପରିଣତ ହେବ ବୋଲି କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ, ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ।  'ଉତ୍କର୍ଷ ଓଡିଶା-ମେକ୍ ଇନ୍ ଓଡିଶା' ସମ୍ମିଳନୀରେ ଯୋଗଦେଇ ଶ୍ରୀ ବୈଷ୍ଣବ କହିଛନ୍ତି, ଆଇ.ଟି.,

ଇଲେକ୍ଟ୍ରୋନିକ୍ସ, ସେମିକଣ୍ଡକ୍ଟର ଆଦି କ୍ଷେତ୍ରରେ ପ୍ରାୟ ୨୦ହଜାର ୯ଶହ କୋଟି ଟଙ୍କାର ନିବେଶ ପ୍ରତିଶ୍ରୁତି ମିଳିଛି । ଏହା ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ଏବଂ ସନ୍ତୁଳିତ ଆଞ୍ଚଳିକ ବିକାଶକୁ ସୁନିଶ୍ଚିତ କରିବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

**V/O**

# ଉତ୍କର୍ଷ ଓଡିଶା-ପ୍ରଭାତୀ ପରିଡା

ଉତ୍କର୍ଷ ଓଡିଶା ସମ୍ମିଳନୀରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି, ଓଡିଶା ଆଜି କେମିକାଲ, ପେଟ୍ରୋ କେମିକାଲ ଏବଂ ପ୍ଲାଷ୍ଟିକ ଶିଳ୍ପ କ୍ଷେତ୍ରରେ ବ୍ୟାପକ ଅଗ୍ରଗତି କରୁଛି । ରାଜ୍ୟରେ ଶିଳ୍ପାୟନ କ୍ଷେତ୍ରରେ ଉନ୍ନତି ଯୋଗୁଁ ଓଡିଶା ବିକଶିତ ଭାରତର ଜୟଯାତ୍ରାରେ ଭାଗିଦାର ହେବାକୁ ଯାଉଛି ବୋଲି ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ କହିଛନ୍ତି ।

# ଉତ୍କର୍ଷ ଓଡିଶା-ବେଦାନ୍ତ

ଓଡିଶାରେ ବେଦାନ୍ତ ଆଲୁମିନିୟମ ଏକ ଲକ୍ଷ କୋଟି ଟଙ୍କା ନିବେଶ କରିବ ବୋଲି ଉତ୍କର୍ଷ ଓଡିଶା ସମ୍ମିଳନୀରେ କମ୍ପାନୀ ପକ୍ଷରୁ ଘୋଷଣା କରାଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବେଦାନ୍ତ ଲିମିଟେଡର ଅଧ୍ୟକ୍ଷ ଅନୀଲ ଅଗ୍ରୱାଲଙ୍କ ଉପସ୍ଥିତିରେ ଏକ ବୁଝାମଣା ସ୍ୱାକ୍ଷରିତ

ହୋଇଛି । ଏଥିରେ ବାର୍ଷିକ ୩ ନିୟୁତ ଟନ୍ ଆଲୁମିନିୟମ ପ୍ଲାଣ୍ଟ ଏବଂ ଆଲୁମିନିୟମ ପାର୍କର ବିକାଶ କରାଯିବ । ଏହା ଦ୍ୱାରା ୨ଲକ୍ଷ ନିଯୁକ୍ତି ସୃଷ୍ଟି ହେବ ବୋଲି ଜଣାପଡିଛି ।

## ବଜେଟ୍ ଅଧିବେଶନ

ସଂସଦର ବଜେଟ୍ ଅଧିବେଶନ ଆସନ୍ତା ୩୧ତାରିଖରୁ ଆରମ୍ଭ ହେବ । ଏହା ପୂର୍ବରୁ ଆସନ୍ତାକାଲି ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବ । ଅଧିବେଶନର ପ୍ରଥମ ଦିନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଲୋକସଭା ଓ ରାଜ୍ୟସଭାର ମିଳିତ ଅଧିବେଶନକୁ ସମ୍ବୋଧନ କରିବେ । ଆସନ୍ତା ଶନିବାର ୧ତାରିଖରେ ଅର୍ଥମନ୍ତ୍ରୀ ନିର୍ମଳା ସୀତରମଣ ସାଧାରଣ ବଜେଟ୍ ଉପସ୍ଥାପନ କରିବେ ।

## ଦିସା ବୈଠକ

କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ବିକାଶ ସମନ୍ୱୟ ଏବଂ ତଦାରଖ କମିଟି-ଦିସା ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ନେଇ ଆଲୋଚନା ହୋଇଥିଲା । ଏଥିରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଜିଲ୍ଲାରେ ହଜାରେ ପୁଅଙ୍କ ତୁଳନାରେ ନଅଶହ ଝିଅ ଥିବା ସୂଚନା ଦେଇଥିଲେ ।

# ସମୀକ୍ଷା ବୈଠକ

ଭୁବନେଶ୍ୱର ଲୋକସେବା ଭବନରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀମାନଙ୍କ ଦୁଇଦିନିଆ ସମୀକ୍ଷା ବୈଠକ ଆରମ୍ଭ ହୋଇଛି ।   ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ନେଇ ଆଲୋଚନା ହୋଇଥିଲା ।

# ନ୍ୟାସନାଲ୍ ଗେମ୍ସ

ଉତ୍ତରାଖଣ୍ଡର ଡେରାଡୁନ୍‌ସ୍ଥିତ ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମ୍‌ରେ ଗତକାଲି ଠାରୁ ୩୮ତମ ଜାତୀୟ କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହୋଇଛି ।  ୧୮ ଦିନ ଧରି ଅନୁଷ୍ଠିତ  ଏହି କ୍ରୀଡ଼ା ମହୋତ୍ସବରେ ପ୍ରାୟ ୧୦ ହଜାର ଖେଳାଳି ଏବଂ ୩୮ ଦଳର କର୍ମକର୍ତ୍ତା ଅଂଶ ଗ୍ରହଣ କରିଛନ୍ତି । ଓଡ଼ିଶାରୁ ୩୦୨ ଜଣ କ୍ରୀଡ଼ାବିତ୍ ୨୬ଟି ବର୍ଗରେ ଅଂଶ ଗ୍ରହଣ କରୁଛନ୍ତି ।

# ହକି

ହକି ଇଣ୍ଡିଆ ଲିଗ୍‌ର ପୁରୁଷ ବର୍ଗରେ ଗତକାଲି ରାଉରକେଲା ବିର୍ସାମୁଣ୍ଡା ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚରେ ଟିମ୍ ଗୋନାସିକା ସୁଟ୍ ଆଉଟ୍‌ରେ ହାଇଦ୍ରାବାଦ ତୁଫାନ୍ସକୁ ୩-୧ଗୋଲରେ ପରାସ୍ତ କରିଛି । ଆଜି ସନ୍ଧ୍ୟା ୬ଟାରେ ସୁରମା ହକି କ୍ଲବ ଓ ଶ୍ରାଚି ବେଙ୍ଗଲ ଟାଇଗର୍ସ ମଧ୍ୟରେ ମ୍ୟାଚ ଖେଳାଯିବ । ରାତି ୮ଟା ୧୫ରେ ୟୁପି ରୁଦ୍ରାସ ଏବଂ ତାମିଲନାଡୁ ଡ୍ରାଗନ୍ସ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ।

# ପାଣିପାଗ

ରାଜ୍ୟରେ ଉତ୍ତର ପଶ୍ଚିମ ଦିଗରୁ ଶୁଷ୍କ ବାୟୁ ପ୍ରବେଶ କରୁଥିବାରୁ ତାପମାତ୍ରା ବୃଦ୍ଧି ପାଇବା ସହ ଶୀତ ହ୍ରାସ ପାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ଦୁଇଦିନ ପରେ ତାପମାତ୍ରା ଆହୁରି ୪ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ । ଅପରପକ୍ଷରେ ଆସନ୍ତା ୨୪ଘଣ୍ଟା ମଧ୍ୟରେ ଘନ କୁହୁଡି ହେବା ନେଇ ୧୨ଟି ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି ।